# Akashvani, Sambalpur

## SAMBALPURI NEWS EVENING BULLETIN

**22 March 2024- 7.02 pm- 7.12 pm.**

*********************************************

୧- ରାଜ୍ୟର୍ ସବୁ ଲୋକ୍‌ସଭା ଆଉ ବିଧାନ୍‌ସଭା ଆସନ୍‌ଥି ଭାରତୀୟ ଜନତା ପାର୍ଟି ଏକ୍‌ଲା ନିର୍ବାଚନ୍ ଲଢ଼୍‌ବା ବଲି ଫଟିକ୍ କଲେ ରାଜ୍ୟ ବିଜେପି ସଭାପତି ମନମୋହନ୍ ସାମଲ୍ ।

୨- ବରିଷ୍ଠ ରାଜନେତା ଆର୍ ଆଘର୍ ମନ୍ତ୍ରୀ ଡକ୍ଟର୍ ଦାମୋଦର୍ ରାଉତ୍‌ଙ୍କର୍ ପରଲୋକ୍‌ଥି ରାଷ୍ଟ୍ରପତିଙ୍କର୍ ଶୋକ ।

୩- 'ଶାନ୍ତିର୍ ଲାଗି ପାଏନ୍' ବାର୍ତା ନେଇକରି ସାରା ପୁର୍‌ଥି ନ ଆଏଜ୍ କରାଯାଉଛେ ବିଶ୍ୱ ଜଳ ଦିବସ୍ ।

ଆଉର୍

୪- ଯୁକ୍ତ ଦୁଇ ପରୀକ୍ଷା ଖାତାଦେଖା କାମ୍ ଆଏଜ୍‌ଠାନୁ ହେଲା ମୁଲ୍ ।

ମେଂଟ ହେବ ନାହିଁ- ମନମୋହନ୍ ସାମଲ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ୨୦ ଟା ଲୋକ୍‌ସଭା ଆସନ୍ ଆଉ ଶହେ ୪୭ ଟା ବିଧାନ୍‌ସଭା ଆସନ୍‌ଥି ଭାରତୀୟ ଜନତା ପାର୍ଟି ଏକ୍‌ଲା ଲଢ୍‌ବା ବଲି ରାଜ୍ୟ ବିଜେପି ସଭାପତି ମନମୋହନ୍ ସାମଲ୍ କହିଛନ୍ । ବିଜୁ ଜନତା ଦଲ୍ ଆଉ ବିଜେପି ଭିତ୍‌ରେ କେନ୍‌ସି ରାଜନୈତିକ୍ ମେଂଟ ନାଇଁ ହୁଏ ବଲି ଶ୍ରୀ ସାମଲ୍ ଫଟିକ୍ କରିଛନ୍ । ସାମାଜିକ ଗଣମାଧ୍ୟମ୍‌ଥି ସୂଚ୍‌ନା ଦେଇକରି ଶ୍ରୀ ସାମଲ୍ କହିଛନ୍ ଯେ, ବିକଶିତ୍ ଭାରତ୍ ଗଠନ୍ ଦିଗେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସବୁବେଲେ ପ୍ରାଥମିକତା ରହିଆସିଛେ । ଗଲା ୧୦ ବଛର୍ ଭିତ୍‌ରେ ଓଡ଼ିଶା ନ ନବୀନ୍ ପଟ୍ଟନାୟକ୍‌ଙ୍କର୍ ନେତୃତ୍ୱର୍ ସର୍‌କାର୍, କେନ୍ଦ୍ରର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍‌କାର୍‌ଙ୍କୁ ରାଷ୍ଟ୍ରୀୟ ମହତ୍ୱ ଥିବାର୍ ବହୁତ୍‌ଟେ ବିଷେଥି ସମର୍ଥନ୍ କରୁଥିବାର୍‌ନୁ ବିଜେପି ରାଜ୍ୟ ସଭାପତି ଶ୍ରୀ ସାମଲ୍ ଧନ୍ୟବାଦ୍ ଜନେଇଛନ୍ । ସାରାଦେଶେ ଯେନ୍ ସବୁ ରାଏଜେ ଡବଲ୍ ଇଞ୍ଜିନ୍ ସର୍‌କାର୍ ରହିଛେ, ସେଠାନେ ବିକାଶ୍ ଆଉ ଗରିବ୍ କଲ୍ୟାଣ୍‌ର ସବୁ କାମ୍ ତୁର୍‌ତି ହେଇଛେ । ସେସବୁ ରାଜ୍ୟ ଅଗ୍ରଗତି ହାସଲ୍ କରୁଛନ୍ ବଲି ଶ୍ରୀ ସାମଲ୍ ତାଁକର୍ ସାମାଜିକ ଗଣମାଧ୍ୟମ ପୋଷ୍ଟ୍‌ଥି କହିଛନ୍ ।

ଦାମୋଦର୍ ରାଉତ୍       ଆର୍ଏନ୍ୟୁ/ କଟକ୍

ବରିଷ୍ଠ ରାଜନେତା ଆଉ ଆଘର୍ ମନ୍ତ୍ରୀ ଦାମୋଦର୍ ରାଉତ୍‌ଙ୍କର୍ ପରଲୋକ୍‌ଥି ଭିନ୍ ଭିନ୍ ମହଲେ ଶୋକର ଛାୟା ଖେଲିଯାଇଛେ । ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଡାକ୍ତର୍ ଦାମୋଦର ରାଉତ୍‌ଙ୍କର୍ ପରଲୋକଥି ଗହୀର୍ ଶୋକପ୍ରକାଶ୍ କରିଛନ୍ । ଓଡ଼ିଶା ଆର୍ ଦେଶର୍ ପ୍ରଗତିଥି ଡାକ୍ତର୍ ରାଉତଙ୍କର ଅବଦାନ୍ ସବୁବେଲେ ମନେ ରହେବା ବଲି ରାଷ୍ଟ୍ରପତି ତାଁକର୍ ଶୋକବାର୍ତାଥି କହିଛନ୍ ।

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଡାକ୍ତର୍ ରାଉତ୍‌ଙ୍କର୍ ଦେହାନ୍ତ ଓଡ଼ିଶାର୍ ରାଜନୀତିଥି ଗୁଟେ ଅପୂରଣୀୟ କ୍ଷତି ଆଏ ବଲି କହିଛନ୍ । ଲୁକ୍‌କର୍ ସେବାର୍ ଲାଗି ତାଁକର୍ କାର୍ଯ୍ୟ ସବୁବେଲେ ସୁର୍‌ତା ହେଇକରି ରହେବା ବଲି ମୁଖ୍ୟମନ୍ତ୍ରୀ ତାକର୍ ଶୋକବାର୍ତାଥି କହିଛନ୍ ।

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ୍ ଆଉ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ତାଁକର୍ ଶୋକବାର୍ତାଥି କହିଛନ୍ ଯେ, ଡାକ୍ତର୍ ଦାମୋଦର୍ ରାଉତ୍ ଝନେ ସ୍ୱଷ୍ଟବାଦୀ ଆଉ ଅନୁଭବୀ ରାଜନେତା ଥିଲେ । ବହୁତ୍ ବରସ୍ ଧରିକରି ରାଜନୀତିଥି ସକ୍ରିୟ ରହିକରି ଲୁକ୍‌କର୍ କଲ୍ୟାଣ୍ କାମ୍‌ଥି ଡାକ୍ତର୍ ରାଉତ ନିୟୋଜିତ ଥିଲେ ।

ଦାମୋଦର ରାଉତ-୨ ଆର୍ଏନ୍ୟୁ/ କଟକ୍

ଓଡ଼ିଶାର୍ ରାଜନୀତିଥି ରାଜନେତା ଭାବେ ପହେଲାଥରର୍ ଲାଗି ଡାକ୍ତର୍ ଦାମୋଦର ରାଉତ୍ ୧୯୭୭ ମସିହା ନ ଜନତା ଦଲ୍‌ନୁ ଏର୍ସମାର୍ ବିଧାୟକ୍ ହେଇଥିଲେ । ପଛେ ଫେର୍‌ଘାଏ ୧୯୯୦ ନୁ ୧୯୯୫ ତକ୍ ଏର୍ସମାନୁ ବିଧାୟକ୍ ହେବାର୍ ଉତ୍‌ରୁ ପଛେ ବିଜୁ ଜନତା ଦଲ୍ ତର୍ଫୁ ୨୦୦୨ ନୁ ୨୦୧୯ ମସିହାତକ୍ ବିଧାୟକ୍ ଭାବେ ନିର୍ବାଚିତ୍ ହେଇଥିଲେ । ରାଜନୈତିକ୍ ଜୀବନ୍‌କାଲ୍ ଭିତ୍‌ରେ ସେ ୭ ଥର୍ ରାଜ୍ୟ ବିଧାନ୍‌ସଭାକେ ନିର୍ବାଚିତ୍ ହେବାର୍ ସହେତେ ସର୍କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍‌ର ମନ୍ତ୍ରୀ ଦାୟିତ୍ୱ ତୁଲେଇଥିଲେ ।

୧୯୪୨ ମସିହା ଜୁଲାଇ ୨ ତାରିଖ୍ ଦିନ ଜଗତ୍‌ସିଂହପୁର୍ ଜିଲ୍ଲାର୍ ଏର୍ସମା ବ୍ଲକ୍ ମାଲିପୁର୍ ଗାଁ ନ ଜନମ୍ ନେଇଥିବାର୍ ଡାକ୍ତର୍ ଦାମୋଦର୍ ରାଉତ୍ ବିଜୁ ପଟ୍ଟନାୟକ୍‌ଙ୍କର୍ ମନ୍ତ୍ରୀ ମଣ୍ଡଲ୍‌ଥି ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଡାକ୍ତର୍ ରାଉତ୍‌ଙ୍କର୍ ଗଲାକାଏଲ୍ ସ୍ୱାସ୍ଥ୍ୟବସ୍ଥାଥି ଅବନତି ହେବାର୍‌ନୁ ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ହସ୍ପିଟାଲ୍ ନ ତାହାକୁ ଚିକିତ୍ସା କରାଯାଉଥିଲା । ଚିକିତ୍ସାଧୀନ ଅବସ୍ଥାଥି ଆଏଜ୍ ଭୋର୍ ୫ ବଜେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ ।

ଶିକ୍ଷା ଅଧିକାର୍ ଆଇନ୍ ଆର୍ଏନ୍ୟୁ/ କଟକ୍

ଶିକ୍ଷା ଅଧିକାର୍-୨୦୦୯ ଅନ୍ସାରେ ଆର୍ଥିକ୍ ଅନଗ୍ରସର ଶ୍ରେଣୀର୍ ଛାତ୍ରଛାତ୍ରୀମାନେ ବେସର୍କାରୀ ସ୍କୁଲ୍ ମାନ୍କେ ପ୍ରବେଶ୍ସ୍ତର୍ଥି ମାହାଲିଆ ଶିକ୍ଷା ପାଇପାର୍ବେ । ଇଥିର୍ଲାଗି ଆର୍.ଟି.ଇ. ପାରଦର୍ଶୀ ପୋର୍ଟାଲ୍ଥି ଆବେଦନ୍ ଆହ୍ୱାନ୍ କରାଯାଇଥିଲା । ପହେଲା ଖେପେ ୩ ହଜାର୍ ୩ ଶହ ୩୧ ବେସର୍କାରୀ ସ୍କୁଲ୍ମାନ୍କର୍ ୪୧ ହଜାର୍ ୩ ଶହ ୩୩ ସିଟ୍ ଲାଗି ମୋଟ୍ ୩୦ ହଜାର୍ ୪ ଶହ ୨୩ ଟା ଅନ୍ଲାଇନ୍ ଆବେଦନ୍ ଗ୍ରହଣ୍ କରାଯାଇଥିଲା । ଇତାର୍ଭିତ୍ରୁ ବ୍ଲକ୍ ଶିକ୍ଷାଅଧିକାରୀମାନେ ମୂଳ ପ୍ରମାଣ୍ପତ୍ର ଯାଂଚ୍ କରିକରି ୨୩ ହଜାର୍ ୨ ଶହ ୨୮ ଆବେଦନ୍ ପତ୍ରକେ ଯୋଗ୍ୟ ବିବେଚିତ କରିଥିଲେ । ଇ ଯୋଗ୍ୟ ଆବେଦନ୍ ମାନ୍କୁ କେନ୍ଦ୍ରୀୟ ଲଟ୍ରୀ ଜରିଏ ୧୭ ହଜାର୍ ୨ ଶହ ୩୫ ଝନ୍ ଛାତ୍ରଛାତ୍ରୀଙ୍କୁ ଆଏଜ୍ ବଛାଯାଇଥିବାର୍ ଜନାପଡ଼ିଛେ ।

ଆଇନ୍ଜୀବୀ ନାଁ ପଞ୍ଜିକରଣ୍ ଆର୍ଏନ୍ୟୁ/ କଟକ୍

ଓଡ଼ିଶା ହାଇକୋର୍ଟଙ୍କର୍ ନିର୍ଦ୍ଦେଶ୍ନାମା ଅନ୍ସାରେ ଝନେ ଆଇନ୍ଜୀବୀଙ୍କୁ ପରିଚୟ ପତ୍ର ଦେଲା ବେଲେ, ସେଥି ଆଇନ୍ଜୀବୀ କେନ୍ ତାରିଖ୍ ନ ନିଜର୍ ନାଁ ପଞ୍ଜିକରଣ୍

କରିଛନ୍- ତାର୍ ସୂଚନା ରହେବା । ରାଜ୍ୟ ଆଇନ୍‌ଜୀବୀ ପରିଷଦ୍ ତର୍‌ଫୁ ସବୁ ବାର୍‌କେ ଚିଠି ଲେଖିକରି ଇ ବାବ୍‌ଦେ ଜନାବାର୍ ଲାଗି ଅଦାଲତ୍ ତାଁକର୍ ଆଦେଶ୍‌ଥି କହିଛନ୍ । ହାଇକୋର୍ଟ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ବାର୍ ଆସୋସିଏସନ୍‌ର କାର୍ଯ୍ୟନିର୍ବାହୀ କମିଟିର୍ ସଦସ୍ୟମାନ୍‌କର୍ ଲାଗି ଆବେଦନ୍ କରିଥିବାର୍ ୫ନେ ଓକିଲ୍‌ଙ୍କର୍ ମାମ୍‌ଲାକେ ବିଚାର୍ କରିକରି ଇ ରାୟ ଦେଇଛନ୍ ।

ବିଶ୍ୱ ଜଳ ଦିବସ ଆର୍‌ଏନ୍‌ୟୁ/ କଟକ୍

ପାଏନ୍ ହେଉଛେ ପ୍ରକୃତିର୍ ଉପାଦାନ୍ ଆଉ ଇଟା ମୁନୁଷ୍ ଆଉ ପ୍ରାଣୀ ଜାତିର୍ ମଙ୍ଗଲ୍ ଲାଗି ଉଦ୍ଦିଷ୍ଟ ଆଏ । ପାଏନ୍ ସମସ୍ୟା ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଆଉ ସମସ୍ୟାର୍ ସମାଧାନ୍ ଲାଗି ଦର୍‌କାରୀ ପଦକ୍ଷେପ୍ ନେବାର୍ ଲକ୍ଷ୍ୟ ନେଇକରି ୧୯୯୩ ମସିହାନୁ ଜାତିସଂଘ ଫି ବଛ୍‌ରର୍ ମାର୍ଚ୍ଚ ୨୨ ତାରିଖ୍‌କେ ବିଶ୍ୱ ଜଳ ଦିବସ୍ ଭାବେ ପାଲନ୍ କରୁଛେ । ପୁର୍‌ଥିର୍ ୭୧ ପ୍ରତିଶତ୍ ହେଉଛେ ପାଏନ୍ । ତଥାପି ଧରାପୃଷ୍ଠର ବଡ଼ଭାଗୀ ଜାଗା ନ ପାଏନ୍‌ର ଅଭାବ୍ ଦେଖାଦେଉଛେ । ପୁର୍‌ଥିର୍ ପାଏନ୍‌ର ୯୭ ପ୍ରତିଶତ୍ ସାଗର୍ ଆଉ ମହାସାଗର୍ ନ ଅଛେ । ନୁନ୍ ଅଂଶ ଅଏତ୍‌କା ଥିବାର୍‌ନୁ ମୁନୁଷ୍ ଆଉ ପ୍ରାଣୀ ଜଗତ୍ ଆର୍ ଚାଷ୍ କାମ୍ ଲାଗି ଇ ପାଏନ୍ ବେଭାର୍ ଉପଯୋଗୀ ନାଇଁ ହେଇଥାଏ । ଗୁଟେ

ଆକଲନ୍‌ନୁ ଜନାପଡ଼ିଛେ ଯେ, ପୁର୍‌ଥିର୍ ମାତର୍‌କ ଶୂନ୍ ଦଶ୍‌ମିକ୍ ୫ ପ୍ରତିଶତ୍ ପାଏନ୍‌କେ ୮ ଶହ କୋଟିନୁ ଅଏତ୍‌କା ଲୋକ୍ ପ୍ରାଣୀ ଆର୍ ଚାଷ୍ କାମ୍ ଲାଗି ବେଭାର୍ କର୍‌ସନ୍ । ଭୌଗୋଲିକ୍ ଥିତିକେ ଦେଖ୍‌ଲେ, ପୁର୍‌ଥିର୍ କେନ୍ ଜାଗା ନ ଅଏତ୍‌କା ପାଏନ୍ ଗଚ୍ଛିତ୍ ଥିବାର୍ ବେଲେ ଅଲ୍‌ଗା କେତେଟା ଜାଗା ନ ଦର୍‌କାର୍‌ନୁ ବହୁତ୍ କମ୍ ପରିମାଣ୍‌ର ପାଏନ୍ ରହୁଛେ । ପୁର୍‌ଥି ନ ୨ ଶହ ୨୦ କୋଟି ଲୋକ୍ ସଫା ପିଇବାର୍ ପାଏନ୍ ନାଇଁ ପାଇପାର୍‌ବାର୍ । ସେନ୍ତା ଶହେ ୫୩ ଟା ଦେଶର୍ ୩ ଶହ କୋଟି ଲୋକ୍ ନଦୀ ଆର୍ ହ୍ରଦର୍ ପାଏନ୍ ଉପ୍‌ରେ ନିର୍ଭର୍ କର୍‌ସନ୍ ।

ପୁର୍‌ଥିର୍ ମୋଟ୍ ମଧୁର୍ ପାଏନ୍‌ର ୭୨ ପ୍ରତିଶତ୍ ଚାଷ୍ କାମ୍, ୧୭ ପ୍ରତିଶତ୍ ଘରୋଇ ବେଭାର୍ ଆର୍ ୨ ପ୍ରତିଶତ୍ ପାଏନ୍ କଲ୍‌କାର୍‌ଖାନାଥି ବେଭାର୍ ହେସି । ପାନିର୍ ସୁରକ୍ଷା, ସ୍ୱଚ୍ଛତା ଆଉ ସୁରକ୍ଷିତ୍ ପାଏନ୍‌ର ବେଭାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପାଣି ପଂଚାୟତ୍‌ମାନ୍‌କର୍ ତର୍‌ଫୁ ଜଲ୍ ଦିବସ୍ ପାଲନ୍ କରାଯାଉଛେ ।

ଇ ବଛର୍ ଲାଗି ବିଶ୍ୱ ଜଲ୍ ଦିବସ୍‌ର ବାର୍ତା ରହିଛେ 'ଶାନ୍ତିର୍ ଲାଗି ପାଏନ୍' । ଦେଶ୍ କି ଅଲ୍‌ଗା ରାଜ୍ୟ ଭିତ୍‌ରେ ପାଏନ୍‌କେ ନେଇକରି ବିବାଦ୍ ବଦଲ୍‌ଥି ସହଯୋଗ୍ ଆଧାର୍ ନ ଇତାର୍ ବେଭାର୍ ହେବାର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ଇ ଦିବସ୍ ବାର୍ତା ଦେଉଛେ ।

ଯୁକ୍ତ ଦୁଇ ଖାତାଦେଖା ଆର୍ଏନ୍ୟୁ / କଟକ୍

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍ଫୁ କରାଯାଇଥିବାର୍ ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା କାମ୍ ଆଏଜ୍ଠାନୁ ମୁଲ୍ ହେଇଛେ । ୨ ଟା ଖେପେ ହେବାର୍କେ ଥିବାର୍ ଇ ଖାତା ଦେଖା କାମ୍ ପହେଲା ଖେପେ ଏପ୍ରିଲ୍ ୨ ତାରିଖ୍ତକ୍ ଆଉ ୨ ନମ୍ବର୍ ଖେପ୍ ଏପ୍ରିଲ୍ ୪ ତାରିଖ୍ନୁ ମୁଲ୍ ହେଇକରି ୧୫ ତାରିଖ୍ତକ୍ ଚାଲ୍ବା । ୨ ଟା ଖେପେ ପାଖାପାଖି ୧୦ ହଜାର୍ ୫ ଶହ ଝନ୍ ଶିକ୍ଷକ୍/ ଶିକ୍ଷୟିତ୍ରୀ ଇ ଖାତାଦେଖା କାମ୍ଥି ନିୟୋଜିତ ହେବେ ବଲି ପରିଷଦ୍ ତର୍ଫୁ କୁହାଯାଇଛେ । କଳା, ବିଜ୍ଞାନ୍ ଆଉ ବାଣିଜ୍ୟ ବିଭାଗ୍ର ଖାତା ଅନ୍ଲାଇନ୍ ଆର୍ ଧନ୍ଦାମୂଲକ୍ ପରୀକ୍ଷା ଖାତାର ମୂଲ୍ୟାୟନ ଅଫ୍ଲାଇନ୍ ଜରିଏ କରାଯାଉଛେ । ଆଏବା ମେ ମାସର୍ ୧୫ ତାରିଖ୍ ଭିତ୍ରେ ଯୁକ୍ତ ଦୁଇ ପରୀକ୍ଷାଫଲ୍ ବାହାର୍ କର୍ବାର୍କେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ତର୍ଫୁ ଲକ୍ଷ୍ୟ ରଖାଯାଇଛେ ।

ସେଆଡ଼େ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍ଫୁ ଚାଲିଥିବାର୍ ମେଟ୍ରିକ୍ ପରୀକ୍ଷା ଖାତାର୍ ମୂଲ୍ୟାୟନ୍ ଆଏବା ଏପ୍ରିଲ୍ ୫ ତାରିଖ୍ତକ୍ ଶେଷ୍ ହେବା ବଲି ବୋର୍ଡ୍ କର୍ତ୍ତୃପକ୍ଷ କହିଛନ୍ ।

ଭୋଟର୍ ସଚେତନତା-ସମ୍ବଲ୍‌ପୁର୍        ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ସେବା ଯୋଜ୍‌ନା - ଏନ୍‌ଏସ୍‌ଏସ୍ ତର୍‌ଫୁ ସମ୍ବଲ୍‌ପୁର୍ ଜିଲ୍ଲା ମାଁ ଝାଡ଼େଶ୍ୱରୀ ଉଚ୍ଚମାଧ୍ୟମିକ ସ୍କୁଲ୍ ଠାନେ ଆଏଜ୍ ଭୋଟର୍ ସଚେତନତା କାର୍ଯ୍ୟକ୍ରମ୍ କରାଯାଇଥିଲା । ଇଥି ଛାତ୍ରଛାତ୍ରୀମାନେ ଧମା ଆଉ ଆଖର୍‌ପାଖର୍ ଗାଁ ନ ଶୋଭାଯାତ୍ରା କରିକରି ଭୋଟର୍‌ମାନ୍‌କର୍ ଦାୟିତ୍ୱ ଆଉ ଦେଶ୍ ଲାଗି ନାଗରିକ୍‌ମାନ୍‌କର୍ କର୍ତବ୍ୟ ବାବ୍‌ଦେ ସଚେତନତା ସୃଷ୍ଟି କରିଥିଲେ । ମୋ ଭୋଟ୍ ମୋ ଅଧିକାର୍ ବିଷେଥି ବକ୍ତୃତା ଭିଲ୍ କରାଯାଇଥିଲା ।

ବଲାଙ୍ଗିର୍- ନିର୍ବାଚନ୍ ମଣ୍ଡଳୀ        ଆର୍‌ଏନ୍‌ୟୁ / କଟକ୍

ବଲାଙ୍ଗିର୍ ଜିଲ୍ଲା ନ ସାଧାରଣ୍ ନିର୍ବାଚନ୍‌ର ୫ ନମ୍ବର୍ ଖେପେ ମେ’ ୨୦ ତାରିଖ୍ ଦିନ ଭୋଟ୍ ନିଆଯିବା । ଜିଲ୍ଲାର୍ ବଲାଙ୍ଗିର୍ ସଦର, ଲୋଇସିଂହା, ପାଟ୍‌ନାଗଡ଼୍, କଂଟାବାଞ୍ଜି ଆଉ ଟିଟିଲାଗଡ଼୍ ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ନିଆଯିବା ବଲି ନିର୍ବାଚନ୍ କମିଶନ୍ ଦିନ୍ ଧାରିଜ୍ କରିଛନ୍ । ଇତାର୍‌ଛଡ଼ା ଇ ୫ ଟା ବିଧାନ୍‌ସଭା ଆସନ୍ ସହେତେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ୨ ଟା ବିଧାନ୍‌ସଭା ନିର୍ବାଚନ ମଣ୍ଡଳୀକେ ନେଇକରି ୫ ନମ୍ବର୍ ଖେପେ ବଲାଙ୍ଗିର୍ ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଜିଲ୍ଲା ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟନୁ ମିଳିଥିବାର୍ ସୂଚ୍‌ନା ଅନ୍‌ସାରେ, ଜିଲ୍ଲା ନ ୧୩ ଲାଖ୍ ୨୩ ହଜାର୍ ଶହେ ୬୨ ଝନ୍

ମତଦାତା ଅଛନ୍ । ସେଥିର୍‌ଭିତ୍‌ରୁ ୬ ଲାଖ୍ ୭୦ ହଜାର୍ ୪ ଶହ ୬ ଝନ୍ ପୁରୁଷ ଭୋଟର୍ ଥିବାର୍ ବେଲେ ୬ ଲାଖ୍ ୫୨ ହଜାର୍ ୪ ଶହ ୬୬ ଝନ୍ ମହିଲା ଭୋଟର୍ ଅଛନ୍ । ଇଥର ନିର୍ବାଚନ୍‌ଥି ଜିଲ୍ଲା ନ ୩୨ ହଜାର୍ ଶହେ ୩୧ ଝନ୍ ନୂଆଁ ଭୋଟର୍ ସାମିଲ୍ ହେଇଥିବାର୍ ସୂଚ୍‌ନା ମିଲିଛେ । ମତଦାତା ମାନ୍‌କର୍ ଲାଗି ଜିଲ୍ଲା ନ ୧ ହଜାର୍ ୫ ଶହ ୪୮ ଟା ଭୋଟ କେନ୍ଦ୍ର କରାଯାଇଛେ । ସେଥିର୍‌ଭିତ୍‌ରୁ ଶହେ ୪୦ ଟା ସଖୀ ବୁଥ୍ ଆଉ ୨୫ ଟା ଯୁବ ମତଦାତା କେନ୍ଦ୍ର କରାଯାଇଥିବାର୍ ବାବ୍‌ଦେ ବଲାଙ୍ଗିର୍ ଜିଲ୍ଲାପାଲ୍ ଗୌର ଶିବାଜୀ ଇସଲ୍‌ୱାର୍ କହିଛନ୍ ।

(ଭଏସ୍ ଓଭର୍-ଜିଲ୍ଲାପାଲ୍)

ବଲାଙ୍ଗିର୍ ଜିଲ୍ଲା ନ ନିର୍ବାଚନ୍ ତୟାରି ବାବ୍‌ଦେ ଏସ୍.ପି. ରଷିକେଶ୍ ଖିଲାରୀ କହିଛନ୍ ।

(ଭଏସ୍ ଓଭର୍-ଏସ୍.ପି.)